## ଟମାଟୋ

(କ) ଅଗ ଫଳ ପଚା (Blossom End Rot)




(ଖ) ଅସାଧାରଣ ଆକୃତି (Cat face)



(ଗ) ଫଳ ଫାଟିଯିବା (Fruit Cracking)




(ଗ)* ଡ଼େମ୍ଫରୁ ତଳଭାଗକୁ ଲମ୍ୱାକାର
(Radial Cracking)




(ଗ)* ଡ଼େମ୍ଫ ଚାରିପଟେ ଗୋଲେଇ ଆକାର
(Concentric Cracking)

(ଘ) ଅସମାନ ବା ଅନିୟମିତ ଫଳ ପାଚିବା
(Blotchy Ripening )



(ଙ) ଫମ୍ପା ଫଳ (Puffiness )



## ଆଳୁ

(କ) ସବୁଜ ରଙ୍ଗ ଆଳୁ (Greening)



(ଖ) ଫମ୍ପା ଆଳୁ (Hollow heart)



# ପନିପରିବା ଚାଷରେ
# ଦେଖାଯାଉଥିବା ଅସ୍ୱାଭାବିକ ବିକାର

ବୌଦ୍ଧ ଜିଲ୍ଲାରେ ଚାଷିମାନେ ଧାନ ଚାଷ ପରେ ପନିପରିବା ଚାଷକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହି ଜିଲ୍ଲାରେ ମୁଖ୍ୟତଃ ପିଆଜ, ଆଳୁ, ଟମାଟୋ, ବାଇଗଣ, ଫୁଲକୋବି, ତରଭୁଜ, ପୋଟଳ, ଭେଣ୍ଡି, କଖାରୁ ଇତ୍ୟାଦି ପରିବା ଚାଷ କରାଯାଏ। ଏଥିମଧ୍ୟରୁ ବାଇଗଣ ୫୩୯ ହେକ୍ଟର, ଟମାଟୋ ୩୪୭୫ ହେକ୍ଟର, ପିଆଜ ୧୩୯୪ ହେକ୍ଟର, ତରଭୁଜ ୧୧୦୨ ହେକ୍ଟର, କଖାରୁ ୬୪୮ ହେକ୍ଟର ଜମିରେ ଚାଷ କରି ଚାଷି ତାର ଆର୍ଥିକ ଆୟ ସ୍ରୋତ ସୃଷ୍ଟି କରିଥାନ୍ତି। ପନିପରିବା ଚାଷକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରକାର ରୋଗ ଓ ପୋକ ମାନଙ୍କର ପାଦୁର୍ଭାବରେ ଉତ୍ପାଦିକତା ହାର କମ୍ ହୋଇଥାଏ। ଏହି ରୋଗ ପୋକ ବ୍ୟତିତ ଫସଲରେ ଦେଖାଯାଉଥିବା କେତେକ ଆଭ୍ୟନ୍ତରୀଣ କାରଣ ପାଣିପାଗର ଅନିୟମିତତା ବା କେତେକ ଦରକାରୀ ଖାଦ୍ୟ ଉତ୍ପାଦନର ଅଭାବରେ କେତେକ ଅସ୍ୱାଭାବିକ ଲକ୍ଷଣ ଦେଖାଯାଏ। ଏହି ଅସ୍ୱାଭାବିକ ଲକ୍ଷଣ ପନିପରିବାର ବୃଦ୍ଧି ଓ ଉତ୍ପାଦନକୁ ନଷ୍ଟ କରିଥାଏ। ଏହା ଅନେକ ପ୍ରକାର ଦେଖାଯାଇପାରେ ଯାହା ଅପରିବର୍ତ୍ତିତ ଆକସ୍ମିକ କିମ୍ୱା ଦୀର୍ଘକାଳୀନ ସମୟରେ ଘଟିପାରେ। ସାଧାରଣତଃ ଚାଷିଭାଇମାନେ ଏହି ସବୁ ବିକାର ପାଇଁ ସଚେତନ ନଥାନ୍ତି ଯାହାକି ସେମାନଙ୍କର ପନିପରିବା ଉତ୍ପାଦିକତା ହାର କମାଇଥାଏ। ଅସ୍ୱାଭାବିକ ବିକାରକୁ ରୋଗ ପୋକରେ ଆକ୍ରାନ୍ତ ହେବାର ସମ୍ଭାବନା କରି ଅଧିକ କୀଟନାଶକ ଔଷଧର ବ୍ୟବହାରରେ ଅଯଥା ଅର୍ଥ ବିନିଯୋଗ କରି ଚାଷି ଲାଭରୁ ବଞ୍ଚିତ ହୋଇଥାଏ। ତେଣୁ ପନିପରିବା ଚାଷରେ ଦେଖାଯାଉଥିବା ବିଭିନ୍ନ ଅସ୍ୱାଭାବିକ ବିକାର ଗୁଡିକ ବିଷୟରେ ଚାଷି ଭାଇମାନଙ୍କୁ ଅବଗତ କରାଇବା ନିମନ୍ତେ ଏହି ପୁସ୍ତିକା ଏକ ମାଧ୍ୟମ।

୧) ଟମାଟୋ

(କ) ବ୍ଲସମ୍ ଏଣ୍ଡ ରଟ୍ ବା ଅଗ ଫଳପଚା (Blossom End Rot)

**ଲକ୍ଷଣ-** ଜଲଦି ବଢୁଥିବା ପାକଳ ଏବଂ ପାଚିଲା ଟମାଟୋରେ ଏହା ଏକ ସାଧାରଣ ବିନାଶକାରୀ ଅସ୍ୱାଭାବିକ ବିକାର ଯେଉଁଥିରେ ଫଳର ତଳଭାଗ ତଥା ଡ଼େମ୍ଫର ବିପରିତ ଭାଗ ଦବିଯାଇ କଳା ପଡିଯାଏ। ଡ଼େମ୍ଫର ବିପରିତ ଭାଗରୁ ଏହା ଏକ ହାଲକା ବାଦାମୀ ତମ୍ବା ରଙ୍ଗର ପାଣି ଶୋଷିଥିବା ରଙ୍ଗହୀନତା ଦାଗରୁ ଆରମ୍ଭ ହୋଇ ଦାଗଗୁଡିକ କ୍ରମଶଃ ବଢ଼େ ଏବଂ ଧିରେ ଧିରେ କଳାପଡ଼ି ଚମଡା ସଦୃଶ ଦେଖାଯାଏ, ଏବଂ ଶେଷରେ ସେହି ଦାଗଟି ପଚିଯାଏ।

**କାରଣ-** କ୍ୟାଲସିୟମ ଅଣୁସାର ଅଭାବରେ ଡେମ୍ଫର ବିପରୀତ ଭାଗ ତଥା ଫଳର ତଳଭାଗରେ ଏହି ପ୍ରକାର ବିକାର ଦେଖାଯାଏ। କାରଣ କ୍ୟାଲସିୟମ ଗୋଟେ ଅଧିକ ଉପଲବ୍ଧ ପୋଷକ ତତ୍ତ୍ୱ ନୁହେଁ ଏବଂ ଅଳ୍ପ ସମୟରେ ମାଟିରେ ପାଣିର କମ୍ ବେଶି ହେଲେ, ଗଛକୁ କ୍ୟାଲସିୟମ ଅଭାବ ହୁଏ।

**ପରିଚାଳନା-** ଏହାକୁ ପରିଚାଳନା କରିବା ପାଇଁ ନିୟମିତ ଖାଦ୍ୟସାର, ପାଣି ଏବଂ ଫଳ ପଚାକୁ ସହଣ ଶକ୍ତି ଥିବା ବିହନ ବ୍ୟବହାର କରିବା ଆବଶ୍ୟକ। କ୍ୟାଲସିୟମ୍ ଅଭାବରେ ଦେଖାଯାଉଥିବା ଏହି ଅସ୍ୱାଭାବିକ ବିକାରକୁ ଗଛ ଲାଗାଇବାର ୨-୪ ମାସ ପୂର୍ବରୁ ମାଟିରେ ଚୂନର ବ୍ୟବହାର କରି ପରିଚାଳନା କରାଯାଇପାରିବ।

(ଖ) ଅସାଧାରଣ ଆକୃତି ବା ଫଳ ଉପରେ କଟାଦାଗ (Cat Face)

**ଲକ୍ଷଣ-** ଫଳର ତଳଭାଗ ବା ଡ଼େମ୍ଫର ବିପରିତ ଭାଗ ଡ଼ିପ ଓ ଖାଲି ସ୍ଥାନ ବା ଆଞ୍ଚୁଡା ଦାଗ ହୋଇ

ଅସାଧାରଣ ଆକୃତିର ଦେଖାଯାଏ ଯାହାକି ଛୋଟ ବିଲେଇର ମୁହଁ ପରି ଦେଖାଯାଏ । ଏହି ପ୍ରକାର ବିକାର ନୂଆ ଫଳୁଥିବା ଫଳରେ ଦେଖାଯାଏ ଏବଂ ଅସୁନ୍ଦର ଦେଖାଯିବା ହେତୁ ବଜାରରେ ଏହାର ଚାହିଦା କମିଯାଏ ।

**କାରଣ-** ଫୁଲ ଫୁଟିବା ସମୟରେ ଯେକୌଣସି ପ୍ରତିକୂଳ ଅବସ୍ଥା ଅତ୍ୟଧିକ କମ୍ ତାପମାତ୍ରା ଦେଖାଦେଲେ ଗର୍ଭକୋଶରେ ବିକୃତ ଦେଖାଯାଏ । ଯାହାଫଳରେକି ଗର୍ଭାଶୟ କିମ୍ବା ଡ଼ିମ୍ବାଶୟ କୋଷ ଶୁଖିଯାଏ ଏବଂ ଫଳର ଶେଷ ଭାଗରେ କଳା ଓ ଚମଡା ସଦୃଶ ଦେଖାଯାଏ ।

**ପରିଚାଳନା-** ଏହାର ପରିଚାଳନା ପାଇଁ ମାଟିର ଜଳର ପରିମାଣ ଠିକ୍ ରଖିବା ଜରୁରୀ । କମ୍ ତାପମାତ୍ରାରେ ଏହା ଅଧିକ ଦେଖିବାକୁ ମିଳିଥାଏ । କିନ୍ତୁ କ୍ରମଶଃ ତାପମାତ୍ରା ବଢ଼ିଲେ ଧିରେ ଧିରେ ଉଷ୍ମ ଜଳବାୟୁରେ ଫଳର ଆକୃତି ଠିକ୍ ହେବାକୁ ଲାଗେ ।

**(ଗ) ଫଳ ଫାଟିଯିବା (Cracking)**

**ଲକ୍ଷଣ-** ଟମାଟୋରେ ଡେମ୍ଫ ଆଡକୁ ଫାଟିବା ବହୁତ ମାତ୍ରାରେ ଦେଖାଯାଏ ଯାହାକି ବଜାର ଅନୁପଯୋଗୀ ହୋଇଯାଏ । ଏହା ସାଧାରଣତଃ କଞ୍ଚା ଓ ପାକଳ ଫଳ ଠାରୁ ପୁରା ପାଚିଲା ଫଳରେ ଅଧିକ ଦେଖାଯାଏ । ଟମାଟୋରେ ସାଧାରଣତଃ ଦୁଇ ପ୍ରକାରର ଫଳ ଫାଟିବା ଦେଖାଯାଏ । ପ୍ରଥମତଃ ପାଚିଲା ଫଳରେ ଡ଼େମ୍ଫଠାରୁ ଆରମ୍ଭ କରି ଡ଼େମ୍ଫର ତଳ ଭାଗକୁ ଲମ୍ବ ଭାବରେ ଫଳ ଫାଟିଯାଏ ଏବଂ ଆଉ ଗୋଟେ ପ୍ରକାର ହେଉଛି କଞ୍ଚାଫଳରେ ଡେମ୍ଫ ଚାରିପାଖରେ ଗୋଲେଇ ଆକାରର ଫଳ ଫାଟିଥାଏ ।

**କାରଣ-** ଫଳ ଫାଟିବାର ବହୁତ ଗୁଡାଏ, କାରଣ ରହିଛି, ଯେପରିକି ବହୁତ ସମୟ ପର୍ଯ୍ୟନ୍ତ ମାଟି ଶୁଷ୍କ ରହିବା ସହିତ ହଠାତ୍ ଅଧିକ ଜଳସେଚନ, ତାପମାତ୍ରାରେ ପରିବର୍ତ୍ତନ ଏବଂ ବୋରନ୍ ଭଳି ଅଣୁସାର ଅଭାବରେ ଏହା ଦେଖାଯାଏ ।

**ପରିଚାଳନା-** ଏହି ସମସ୍ୟାର ସମାଧାନ ପାଇଁ ଫଳ ଫାଟିବାକୁ ସହଣଶକ୍ତି ଥିବା କିସମର ବ୍ୟବହାର କରିବା ଉଚିତ୍ ଯାହାର ଉପର ଚୋପା ମୋଟା ଏବଂ ଅମ୍ଳ ଅଂଶ କମ୍ ଥିବ । ଫଳଫାଟିବା କମ୍ କରିବା ପାଇଁ ସଠିକ୍ ବ୍ୟବଧାନରେ ଜଳସେଚନ ଆଚ୍ଛାଦନର ବ୍ୟବହାର, ଅଧିକ ପରିମାଣର ଜବକ୍ଷାରଜାନ ଜାତୀୟ ଖାଦ୍ୟସାରର ବ୍ୟବହାର କମ୍ କରିବା ଏବଂ ମାଟିରେ ହେକ୍ଟର ପିଛା ୧୫-୨୦ କିଲୋଗ୍ରାମ୍ ବୋରାକ୍ସ ପ୍ରୟୋଗ କଲେ ଫଳ ଫାଟିବା ୨-୩ ଗୁଣା କମିଯାଏ ।

**(ଘ) ଅସମାନ/ଅନିୟମିତ ଫଳ ପାଚିବା (Blotchy ripening)**

**ଲକ୍ଷଣ-** ଟମାଟୋ ଫଳର ଉପରିଭାଗରେ "ଲାଇକୋପିନ୍" ନାମକ ନାଲି ରଙ୍ଗର ରଞ୍ଜକର ଉତ୍ପାଦନ କମ୍ ହେଲେ ଫଳ ଠିକ୍ ସେ ପାଚେ ନାହିଁ ଏବଂ ଫଳର ଯେଉଁ ଅଂଶ ଅସମାନ ପାଚିଥାଏ ସେହି ଅଂଶଟି କାଟିଲେ ବାଦାମି ରଙ୍ଗର ଦାଗ ଦେଖାଯାଏ ଏବଂ ଟମାଟୋ ଫଳ ଉପରେ ହଳଦିଆ ବା ଧୂସର ରଙ୍ଗର ଚିହ୍ନ ଦେଖାଯାଏ ।

**କାରଣ-** ଟମାଟୋ ଚାଷରେ ଉପଯୁକ୍ତ ଚାଷ ପ୍ରଣାଳୀ ଅନୁସରଣ ନକଲେ, ଆବଶ୍ୟକ ମୁତାବକ ଖାଦ୍ୟସାର ବିଶେଷକରି କମ୍ ପଟାସ ସାରର ବ୍ୟବହାର ସହିତ ଦିର୍ଘ ଶୁଖିଲା ପାଗ ପରେ ଜଳସେଚନ ଏହି ଅସ୍ୱାଭାବିକ ବିକାରର ମୁଖ୍ୟ କାରଣ ।

**ପରିଚାଳନା-** ଫଳରେ "ଲାଇକୋପିନ୍" ରଞ୍ଜକର ଉତ୍ପାଦନ ବଢ଼ାଇବା ପାଇଁ ଉପଯୁକ୍ତ ଚାଷ ପ୍ରଣାଳୀ, ଖାଦ୍ୟ ସାର ପରିଚାଳନା ସହିତ ଗଛର ବୃଦ୍ଧିରେ ତାରତମ୍ୟ ରକ୍ଷା କଲେ ସମାନ ଭାବରେ ଫଳ ପାଚିବା ଦେଖାଯାଏ ।

**(ଙ) ଫମ୍ପା ଫଳ (Puffiness)**

**ଲକ୍ଷଣ-** ଟମାଟୋରେ ଫମ୍ପା ଫଳ ସମସ୍ୟା ଦେଖାଯାଏ ଯାହାକି ବାହାରୁ ଭଲ ଦେଖାଯାଉଥିଲେ ମଧ୍ୟ ଫଳର ଭିତର ଅଂଶ ସମ୍ପୂର୍ଣ୍ଣ ଭାବେ ବିକଶିତ ନହୋଇ ଫମ୍ପା ହୋଇଯାଏ । ଫମ୍ପାଫଳ ଗୁଡ଼ିକ ବହୁତ ହାଲକା, ନରମ ଓ ଚେପଟା ହୋଇଥିବାରୁ ଏହାକୁ ଲୋକମାନେ ପସନ୍ଦ କରନ୍ତି ନାହିଁ ।

**କାରଣ-** ବୋରନ୍ ଅଣୁସାରର ଅଭାବରେ ସଠିକ୍ ପରାଗସଙ୍ଗମ, ପ୍ରଜନନ ବା ସମାୟନ ନ ହୋଇ ଫଳ ମଧ୍ୟରେ ମଞ୍ଜି ବୃଦ୍ଧି ନହେବା, ଅଧିକ ତାପମାତ୍ରା କମ୍ ପଟାସ ଏବଂ ଅଧିକ ଯବକ୍ଷାରଜାନ ସାର ତା ସହିତ ଆର୍ଦ୍ର ଜଳବାୟୁରେ ଏହି ସମସ୍ୟା ଅଧିକ ଦେଖାଯାଏ ।

**ପରିଚାଳନା-** ଫୁଲ ଆସିବା ସମୟରେ ସ୍ଥିର ତାପମାତ୍ରା ସହିତ ବୋରାକ୍ସ (୧୦-୧୫ ମିଲି ଗ୍ରାମ୍/ଲିଟର) ପ୍ରୟୋଗ ଫଳକୁ ଫମ୍ପା ହେବାରୁ ରକ୍ଷା କରିଥାଏ ।

**୨) ଆଳୁ**

**(କ) ସବୁଜ ରଙ୍ଗ ଆଳୁ (Greening)**

**ଲକ୍ଷଣ-** ଆଳୁର ରଙ୍ଗ ସବୁଜ ଦେଖାଯିବା ଏକ ସାଧାରଣ ଅସ୍ୱାଭାବିକ ବିକାର ଯାହାକି ଆଳୁ ବୃଦ୍ଧିର ଯେକୌଣସି ପର୍ଯ୍ୟାୟରେ ଦେଖାଯାଇପାରେ, ଯେପରିକି ଅମଳ ପୂର୍ବରୁ ଜମିରେ ଥିବା ସମୟରେ ହେଉ କିମ୍ବା ଅମଳପରେ ଆଳୁ ସରକ୍ଷଣ ସମୟରେ ହେଉ । ଏହା ଦୁଇଟି ସମସ୍ୟା ସୃଷ୍ଟି କରେ ପ୍ରଥମତଃ ଆଳୁର ରଙ୍ଗ ସବୁଜ ଯୋଗୁ ଏହା ବିକ୍ରି ଅନୁପଯୋଗୀ ହୁଏ ଏବଂ ଦ୍ୱିତୀୟତଃ ଆଳୁରେ ଜମା ହୋଇରହିଥିବା "ସୋଲାନିନ୍" ଭଳି ବିଷାକ୍ତ ପଦାର୍ଥ ମଣିଷ ଶରୀର ପାଇଁ ହାନିକାରକ ହୋଇଥାଏ । (୧୦୦ ଗ୍ରାମ୍ ଆଳୁରେ ସୋଲାନିନ୍‌ର ପରିମାଣ ୨୦ ମିଲିଗ୍ରାମରୁ ଅଧିକ ହେଲେ ଏହା ଖାଇବା ଅନୁପଯୋଗୀ ହୋଇଥାଏ ।)

**କାରଣ-** ଆଳୁର ରଙ୍ଗ ସବୁଜ ହେବାର ପ୍ରଧାନ କାରଣ ହେଉଛି ଜମିରେ ଥିବା ବେଳେ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସିଥାଏ ଯାହା ଫଳରେ ଆଳୁର ଉପରିଭାଗରେ "କ୍ଲୋରୋଫିଲ୍" ଭଳି ସବୁଜ ରଙ୍ଗର ରଞ୍ଜକ ଉତ୍ପାଦନ ହୁଏ ଏବଂ "ସୋଲାନିନ୍" ଭଳି ବିଷଜାତୀୟ ପଦାର୍ଥ ଜମାହୋଇଥାଏ । ଉପଯୁକ୍ତ ଚାଷ ପ୍ରଣାଳୀ ତଥା ପଟାଳିରେ ଲଗାଇବା ସମୟରେ ସଠିକ୍ ଗଭିରତା ଅନୁସରଣ ନ କଲେ ଏହି ସମସ୍ୟା ଦେଖିବାକୁ ମିଳେ ।

**ପରିଚାଳନା-** ଆଳୁକୁ ସୂର୍ଯ୍ୟାଲୋକ ପଡ଼ିବାରୁ ରକ୍ଷା କରିବା ପାଇଁ ବିହନ ଗୁଡିକ ପଟାଳିରେ ସଠିକ୍ ଗଭୀରତାରେ (୧୦ ସେଣ୍ଟିମିଟର) ଲଗାଇବା ଆବଶ୍ୟକ ଏବଂ ଲଗାଇବାର ୪୦ ଦିନ ପରେ ଜମିରେ ହୁଡା ଦେବା ଆବଶ୍ୟକ । ଉନ୍ନତ ମାନର ଜଳସେଚନ ବ୍ୟବସ୍ଥା ଯେମିତିକି ବୁନ୍ଦା ଜଳସେଚନ ବ୍ୟବସ୍ଥା ଦ୍ୱାରା ମାଟି କ୍ଷୟକୁ ରୋକାଯାଇ ଆଳୁକୁ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସିବାରୁ ବଞ୍ଚିତ କରାଯାଇପାରିବ ।

**(ଖ) ଫମ୍ପା ଆଳୁ (Hollow heart)**

**ଲକ୍ଷଣ-** ଆଳୁର ମଝି ଅଂଶଟି ଅନିୟମିତ ଭାବେ କଣା ହୋଇ ତାର ଚାରି ପାଖ ବାଦାମୀ ରଙ୍ଗର ରଙ୍ଗ ବିହନ ଦେଖାଯାଏ । ବାହାରୁ ଆଳୁ ଭଲ ଦେଖାଯାଉଥିଲେ ମଧ୍ୟ ଆଳୁକୁ କାଟିଲେ ହିଁ ଏହି ଲକ୍ଷଣ ଦେଖିବାକୁ ମିଳେ । ଏହି ସମସ୍ୟା ସାଧରଣତଃ କୁଫ୍ରି-ସିନ୍ଦୁରୀ କିସମରେ ଦେଖାଯାଏ କାରଣ ଏହି କିସମର ଆଳୁ ମାତ୍ରାଧିକ ଭାବେ ବଡ ହୋଇଥାଏ ।

**କାରଣ-** ଅଧିକ ଯବକ୍ଷାରଜାନ ଖାଦ୍ୟସାରର ବ୍ୟବହାର କରିବା ଦ୍ୱାରା ଆଳୁ ଆକସ୍ମିକ ଭାବେ ବଢ଼ିବା ଆରମ୍ଭ କରି ବାହାରୁ ବଡ ଦେଖାଯାଏ କିନ୍ତୁ ମଝି ଅଂଶଟି ଫମ୍ପା ରହିଯାଏ ଏବଂ ଖୋଲୋ ପାତ୍ର ପରି

ଦେଖାଯାଏ ।

**ପରିଚାଳନା-** ଅଧିକ ଯବକ୍ଷାରଜାନ ସାରର ପ୍ରୟୋଗକୁ ଗୁରୁତ୍ୱ ନଦେଇ ମାଟିର ଆଦ୍ରତା ଠିକ୍ ରଖିବା ଆବଶ୍ୟକ ।

**(ଗ) କଳା ଆଳୁ (Black Heart)**

**ଲକ୍ଷଣ-** ଆଳୁର ଏହି ସମସ୍ୟା ଆଳୁ ଅମଳ ପରେ ସଂରକ୍ଷଣ ସମୟରେ ଦେଖାଯାଏ । ଆଳୁକୁ ଗଦା ଗଦା କରି ସଂରକ୍ଷଣ କଲେ ସଠିକ୍ ଭାବରେ ବାୟୁ ଚଳାଚଳ ହୋଇପାରେ ନାହିଁ । ଯାହାଫଳରେ ଗଦା ହୋଇଥିବା ସ୍ଥାନର ଉଷ୍ମତା ଏବଂ ଆଳୁର ଜଳୀୟଅଂଶ ଯୋଗୁଁ ଆଳୁର ଭିତର ଅଂଶଟି କଳା ପଡିଯାଏ ।

**କାରଣ-** ଆଳୁକୁ ଗଦା ଗଦା କରି ସଂରକ୍ଷଣ କଲେ ବାୟୁ ଚଳାଚଳରେ ବାଧା ସୃଷ୍ଟି ହୋଇ ଏହି ସମସ୍ୟା ଦେଖାଯାଏ । ଅନ୍ତଃକର୍ଷଣ ଗଛକୁ ପ୍ରଭାବିତ ନକରି ସାବଧାନର ସହିତ ଅନ୍ତଃକର୍ଷଣ କରିବା ଆବଶ୍ୟକ ।

**ପରିଚାଳନା-** ଏହି ସମସ୍ୟାର ସମାଧାନ ପାଇଁ ଆଳୁ ସରକ୍ଷଣ ଘରେ ସଠିକ୍ ବାୟୁ ଚଳାଚଳ ପ୍ରତି ଧ୍ୟାନ ଦେବା ସେଥିପାଇଁ ଆଳୁକୁ ଗଦା କରି ନ ରଖି ସମାନ ଭାବରେ ଚଟାଣରେ ବିଛାଇ ଦେବା ଆବଶ୍ୟକ ।

**(ଘ) ଅସାଧାରଣ ଆକୃତି (Knobbiness)**

**ଲକ୍ଷଣ-** ଆଳୁର ଉପରିଭାଗରେ ଅସମାନତା ଏବଂ ଅସାଧାରଣ କୋଷ ବୃଦ୍ଧି ଯାହାକି ଆଳୁର ଆକୃତିକୁ ବଦଳାଇଥାଏ ଏବଂ ବିକ୍ରି ଅନୁପଯୋଗୀ ହୋଇଥାଏ ।

**କାରଣ-** ସଠିକ୍ ସମୟରେ ସଠିକ୍ ପରିମାଣରେ ଜଳ ସେଚନର ଅଭାବ ଏବଂ ଦୀର୍ଘ ସମୟ ଶୁଖିଲା ପାଗ ପରେ ହଠାତ୍ ଅଧିକ ପରିମାଣର ଜଳସେଚନ ଆଳୁ ବୃଦ୍ଧିରେ ବାଧା ସୃଷ୍ଟି କରେ ।

**ପରିଚାଳନା-** ବାରମ୍ବାର ଏବଂ ସଠିକ୍ ମାତ୍ରାରେ ପାଗ ଦେଖି ଜଳସେଚନ କଲେ ଏହି ସମସ୍ୟାକୁ ନିରାକରଣ କରିହେବ ।

**(୩) ଫୁଲକୋବି**

**(କ) ରାଇସିନେସ୍ / ଧଳା ରୁମ ପଣ ( Riceyness )**

**ଲକ୍ଷଣ-** କୋବିର ଉପରିଭାଗରେ ଫୁଲ କଢିର ଅଧିକ ବୃଦ୍ଧି ଯୋଗୁ ଧଳା ଧଳା ରୁମ ଭଳି ଦେଖାଯାଏ ଯାହାକି ବହୁତ ନରମ ତୁଳାପରି ହାତକୁ ଅନୁଭବ ହୁଏ । ଏହା ହେଲେ ଫୁଲର ଆକାର ଛୋଟ, ହାଲୁକା, ଫସଫସିଆ ହୋଇଯାଏ ଓ ବଜାର ଅନୁପଯୋଗୀ ହୋଇଥାଏ ।

**କାରଣ-** ତାପମାତ୍ରାରେ ତାରତମ୍ୟ ନରହିଲେ ଏବଂ ଆଦ୍ରତା ବୃଦ୍ଧି, ବିଳମ୍ବ ଅମଳ, ବିଳମ୍ବ କିସମ ଫୁଲକୋବିକୁ ସଅଳ ଲଗେଇଲେ ଏବଂ ଅତ୍ୟଧିକ ପରିମାଣର ଯବକ୍ଷାରଜନା ଜାତୀୟ ଖାଦ୍ୟସାର ପ୍ରୟୋଗ କଲେ ଏହି ସମସ୍ୟା ଦେଖାଯାଏ ।

**ପରିଚାଳନା-** ସମୟ ଅନୁଯାୟୀ ଠିକ୍ କିସମ ଲଗାଇବା, ଠିକ୍ ସମୟରେ ଅମଳ କରିବା ଓ ସଠିକ୍ ସମୟରେ ସଠିକ୍ ପରିମାଣର ଯବକ୍ଷାରଜାନ ସାରର ବ୍ୟବହାର କଲେ ଏହି ସମସ୍ୟା କିଛି ମାତ୍ରାରେ ଦୂର କରାଯାଇପାରେ ।

**(ଖ) ଫୁଲକୋବିରେ ସରୁ ପତ୍ର ବାହାରିବା (Whiptail)**

**ଲକ୍ଷଣ-** ଫୁଲକୋବିର ପତ୍ରଗୁଡିକ ନମେଲି, ଛୋଟ, ସରୁ, ହାଲ୍କା ରଙ୍ଗ ଯୁକ୍ତ ହୋଇ ଠିକ୍ ଭାବରେ ବୃଦ୍ଧି ହୁଏ ନାହିଁ, ଯାହାଫଳରେ ଖାଲି ମଝି ଶିରାଟି ବିକଶିତ ହୋଇ ଲାଞ୍ଜ ଭଳି ଦେଖାଯାଏ, ଯାହାକୁ "ହୁଇପ୍‌ଟେଲ୍" ନାମରେ ଜଣାଯାଉଛି ।

**କାରଣ-** ଅମ୍ଳ ମାଟିରେ ଫୁଲକୋବି ଚାଷ କଲେ ମଲିବିଡେନମ୍ ଅଣୁସାର ଅଭାବରେ ଏହି ଅସ୍ୱାଭାବିକ ବିକାର ଦେଖାଯାଏ କାରଣ ଅମ୍ଳ ମାଟିରେ ଗଛକୁ ସଠିକ୍ ପରିମାଣର ମଲିବିଡେନମ୍ ଲପଲବ୍ଧ ହୋଇନଥାଏ ଯାହାଫଳରେ ଏହି ସମସ୍ୟା ଦେଖାଯାଏ ।

**ପରିଚାଳନା-** ଫୁଲକୋବି ଚାଷ ସମୟରେ ମାଟି ଯଦି ଅମ୍ଳ ହୋଇଯାଏ ତେବେ ସୋଡିୟମ୍ ମଲିବିଡେଟ୍ ଖାଦ୍ୟସାର ହେକ୍ଟର ପ୍ରତି ୧୦-୧୫ କିଲୋଗ୍ରାମ୍ ପ୍ରୟୋଗ କଲେ ଏହାକୁ ରୋକାଯାଇପାରିବ ।

**(ଗ) ଛୋଟ ଫୁଲ (Buttoning)**

**ଲକ୍ଷଣ-** ଫୁଲକୋବିର ଫୁଲର ବୃଦ୍ଧି ସଠିକ୍ ଭାବରେ ହୋଇପାରେନି ଯାହା ଫଳରେ ଫୁଲଗୁଡିକର ଆକାର ଛୋଟ ଛୋଟ ବଟମ୍ ଭଳି ଦେଖାଯାଏ । ଏହା କୋବିର ଗୁଣ ଓ ଉତ୍ପାଦନ କ୍ଷମତାକୁ କମାଇଦିଏ ଯାହାକି ଉଭୟ ଖାଇବା ଏବଂ ବିକ୍ରି ପାଇଁ ଅନୁପଯୋଗୀ ହୋଇଥାଏ ।

**କାରଣ-** ଅଧିକ ବୟସ ଚଳି ବା ଦୁର୍ବଳ ବୁଢ଼ା ଚଳି ମାଟିରେ କମ୍ ପରିମାଣର ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ, ଅମଳ କିସମ ବିଳମ୍ବରେ ଲଗାଇବା ଦ୍ୱାରା ଏହି ସମସ୍ୟା ଦେଖାଯା ।

**ପରିଚାଳନା-** ସଠିକ୍ ସମୟରେ ସଠିକ୍ ପରିମାଣରେ ଯବକ୍ଷାରଜାନ ଜାତୀୟ ଖାଦ୍ୟସାରର ପ୍ରୟୋଗ ଏବଂ ଚାରା ଲଗାଇବାରେ ବିଳମ୍ବ ନକରି ସଠିକ୍ ସମୟରେ ସୁସ୍ଥ ଚାରା ରୋପଣ କରିବା ଆବଶ୍ୟକ ।

**(ଘ) ଫୁଲ ନ ଫୁଟିବା (Blindness)**

**ଲକ୍ଷଣ-** ଫୁଲକୋବିର ବ୍ୟବହୃତ ଅଂଶ ଯାହାକି ଫୁଲ ନ ଫୁଟି ଗାଢ଼ ସବୁଜ ରଙ୍ଗର ବଡ଼ ଓ ମୋଟା ଚମଡା ଭଳି ପତ୍ର ଦେଖାଯାଏ ।

**କାରଣ-** ମାଟିର ଅନୁର୍ବର ଅବସ୍ଥା, ଥଣ୍ଡା ଜଳବାୟୁ ଫୁଲ ଫୁଟିବାରେ ବାଧା ସୃଷ୍ଟି କରିଥାଏ ଏବଂ ବିନା ଫୁଲରେ କୋବି ଗଛଟି ବଢ଼େ ।

**ପରିଚାଳନା-** ସୁସ୍ଥ ଏବଂ ହୃଷ୍ଟପୁଷ୍ଟ ଗୁଣବତ୍ତା ଚାରାର ବ୍ୟବହାର କରିବା ସହିତ ଅନ୍ତଃକର୍ଷଣ ଗଛକୁ ପ୍ରଭାବିତ ନକରି ସାବଧାନର ସହିତ ଅନ୍ତଃକର୍ଷଣ କରିବା ଆବଶ୍ୟକ ।

**(ଙ) ଖୋଲା ଫୁଲ ଫୁଟିବା (Loosening)**

**ଲକ୍ଷଣ-** ଫୁଲକୋବି ପକ୍ୱତା ସମୟରେ ଫୁଲଗୁଡିକ ବାନ୍ଧିହୋଇ ନ ରହି ଖୋଲା ଖୋଲା ଦେଖଯାଏ ଏବଂ ଫୁଲର ଉପରିଭାଗରେ ନରମ ରୁମ ଉଠିଲା ଭଳି ଦେଖାଯାଏ ।

**କାରଣ-** ଅଦିନିଆ ଫୁଲକୋବି ଚାଷ ସହିତ ବାୟୁମଣ୍ଡଳ ଚାଷ ଏବଂ ବିଳମ୍ବରେ ଅମଳ କରିବା ଏପରି ସମସ୍ୟାର କାରଣ ଅଟେ ।

**ପରିଚାଳନା-** ଉନ୍ନତ ମାନର ଉପଯୁକ୍ତ କିସମ ନିର୍ଦ୍ଦିଷ୍ଟ ଋତୁରେ ଚାଷ ପରିବା ଆବଶ୍ୟକ ନହେଲେ ଅଦିନିଆ ଚାଷ କରୁଥିଲେ ଉନ୍ନତ ମାନର ଉପଯୁକ୍ତ କିସମ ବ୍ୟବହାର ସହିତ ସଠିକ୍ ଚାଷ ପଦ୍ଧତି ଅବଲମ୍ବନ କରିବା ଆବଶ୍ୟକ ।

**(୪) ଗାଜର**

**(କ) ଗାଜର ଫାଟିବା (Cracking)**

**ଲକ୍ଷଣ-** ମୂଳ ଜାତୀୟ ପରିବାରେ ଫଳ ଫାଟିବା ଏକ ସାଧାରଣ ସମସ୍ୟା । ଏହି ସମସ୍ୟା ଛୋଟ ମୂଳଠାରୁ ବଡ ମୂଳରେ ଅଧିକ ଦେଖାଯାଏ । ଅନେକ ସମୟରେ ମଧ୍ୟ ବଡ଼ ଆକାରରେ ଗାଜର ଫାଟିଯାଇ ବିକ୍ରି

ଯୋଗ୍ୟ ହୋଇନଥାଏ।

**କାରଣ-** ଦିର୍ଘ ଅନାବୃଷ୍ଟି ସହିତ ପ୍ରବଳ ବର୍ଷା ଏହି ସମସ୍ୟାର ପ୍ରଧାନ କାରଣ ତା ଛଡା ଅଧିକ ପରିମାଣର ଯବକ୍ଷାରଜାନ ଜାତୀୟ ଖାଦ୍ୟସାର ବିଶେଷ କରି ଆମୋନିଆ ପ୍ରୟୋଗରେ ଏହି ସମସ୍ୟା ବୃଦ୍ଧିପାଏ।

**ପରିଚାଳନା-** ଉପଯୁକ୍ତ ଚାଷ ପଦ୍ଧତି ଯେମିତିକି ସଠିକ୍ ସମୟରେ ପରିମାଣର ଜଳସେଚନ, ଉପଯୁକ୍ତ ପରିମାଣର ଆମୋନିଆ ବିହିନ ଯବକ୍ଷାରଜାନ ଜାତୀୟ ଖାଦ୍ୟସାର ଏବଂ ଗଛରୁ ଗଛ ବ୍ୟବଧାନ ଠିକ୍ ରଖିଲେ ଏହି ସମସ୍ୟାକୁ ଏଡ଼େଇ ଦିଆଯାଇ ପାରିବ।

**(ଖ) ଗାଜରରେ ଖଣ୍ଡିଆ ଦାଗ (Cavity Spot)**

**ଲକ୍ଷଣ-** ଗାଜରର ଉପରିଭାଗରେ ଖଣ୍ଡିଆ ହେଲା ଭଳି ଛିଦ୍ର ହୋଇ କଳା କଳା ଦାଗ ଦେଖାଯାଏ। ଏହି ଦାଗ ଧିରେ ଧିରେ ବଢ଼ି ବଡ଼ ଆକାରର ହୋଇ ଝଡ଼ିବାକୁ ଆରମ୍ଭ କରେ।

**କାରଣ-** ମାଟିରେ ପଟାସ ଖାଦ୍ୟାସାରର ପରିମାଣ ଅଧିକ ହେଲେ ଏହା କ୍ୟାଲସିୟମ୍ ଅଣୁସାରକୁ ଗଛ ପାଇଁ ଉପଲବ୍ଧ କରାଇବାରେ ବାଧା ସୃଷ୍ଟି କରେ, ଯାହାର ଅଭାବରେ ଏହି ସମସ୍ୟା ଦେଖାଯାଏ।

**ପରିଚାଳନା-** ମାଟିରେ ଅଧିକ ପରିମାଣର କ୍ୟାଲସିୟମ୍ ଅଣୁସାର ପ୍ରୟୋଗରେ ଗାଜରରେ ଏହି ସମସ୍ୟା କମିଯାଏ।

**(ଗ) ଗାଜର ଓ ମୂଳାରେ ଦ୍ୱିଶାଖା ସମସ୍ୟା (Forking)**

**ଲକ୍ଷଣ-** ଉଭୟ ଗାଜର ଓ ମୂଳାରେ ଏହି ଦ୍ୱିଶାଖା ସମସ୍ୟା ସାଧାରଣ ଭାବରେ ଦେଖାଯାଏ। ଏଥିରେ ଗାଜର ଓ ମୂଳାର ମୂଳ ସିଧାସଳଖ ନ ବଢ଼ି ମୂଳ ଦ୍ୱିଶାଖା ବିଶିଷ୍ଟ ହୋଇ ଅସ୍ୱାଭାବିକ ଭାବେ ଅଧିକ ଶାଖାଯୁକ୍ତ ହୋଇ ବଢ଼ିଥାଏ ଯାହାକି କଣ୍ଟା ଚାମଚ ଭଳି ଦେଖାଯାଏ।

**କାରଣ-** ଜୈବିକ ଖାଦ୍ୟାସାରରେ ଗୋବରର ବ୍ୟବହାର ଏବଂ ଦୃଢ଼ ଓ ଘନ କଠିନ ମାଟିରେ ଗାଜର ଏବଂ ମୂଳା ଠିକ୍ ଭାବରେ ବଢ଼ିପାରେ ନାହିଁ, ଯାହା ଫଳରେ ଏହି ସମସ୍ୟା ଦେଖାଯାଏ।

**ପରିଚାଳନା-** ଗାଜର ଓ ମୂଳାକୁ ବାଲିଆ ମାଟି ଯାହାକି ହାଲୁକା ଏବଂ ସହଜରେ ମୂଳ ବଢ଼ିପାରୁଥିବା ମାଟିରେ ଚାଷ କରାଯିବା ସହିତ ସନ୍ତୁଳିତ ଜଳସେଚନ ତଥା ସଠିକ୍ ସମୟରେ ଆବଶ୍ୟକ ପରିମାଣର ଜଳସେଚନର ବ୍ୟବସ୍ଥା କରିବା ଆବଶ୍ୟକ।

**(୫) ତରଭୁଜ**

**(କ) ଅଗ ଫଳପଚା (Blossom End-Rot-BER)**

**ଲକ୍ଷଣ-** ଫଳର ତଳଭାଗରେ ତଥା ଡ଼େମ୍ଫର ବିପରୀତ ଭାଗରେ କଳା ରଙ୍ଗର ମାଉଁସିଆ ଚମଡା ଅଂଶ ଦେଖାଯାଏ। ଏହି ଚମଡ଼ା ଅଂଶ ଧିରେ ଧିରେ ଫଳର ଚାରିପାର୍ଶ୍ୱରେ ହୋଇଯାଏ ଏବଂ ଫଳର ଅଗ୍ରଭାବ ପଚି ନଷ୍ଟ ହୋଇଯାଏ।

**କାରଣ-** ଦିନେ ଛାଡି ଦିନେ ଓଦା ଶୁଖିଲା ମାଟିର ଅବସ୍ଥା ଏବଂ ଯଥେଷ୍ଟ ପରିମାଣରେ କ୍ୟାଲସିୟମ୍ ଭଳି ଖାଦ୍ୟସାରର ଅଭାବରେ ଏହା ଦେଖାଯାଏ।

**ପରିଚାଳନା-** ମାଟି ଉପରେ ଆଚ୍ଛାଦନର ବ୍ୟବହାର, ମାଟିରେ ଜଳର ପରିମାଣ ଠିକ୍ ରଖେ। ସଠିକ୍ ପରିମାଣର କ୍ୟାଲସିୟମ ପ୍ରୟୋଗ ଏବଂ ଅଧିକ ଯବକ୍ଷାରଜାନ ଖାଦ୍ୟସାରର ବ୍ୟବହାର ନକରି, ବୁନ୍ଦା ଜଳସେଚନର ବ୍ୟବସ୍ଥା କରିପାରିଲେ ସମସ୍ୟା କମିଥାଏ।

**(ଖ) ତରଭୁଜର ଫମ୍ପାଫଳ (Hollow Heart)**

**ଲକ୍ଷଣ-** ପାଚିଲା ତରଭୁଜକୁ କାଟିଲେ ଫଳର ଭିତର ଅଂଶଟି ଫାଟିବା ଆକାରର ଦେଖାଯାଏ।

**କାରଣ-** ପରାଗ ସଙ୍ଗମ ଠିକ୍ ଭାବରେ ନହେବା ସହିତ ଜଲଦି ଫଳ ବଢ଼ିବା ପାଇଁ ଅନୁକୂଳ ଅବସ୍ଥା ମିଳିବା ଦ୍ୱାରା ଫଳଟି ସଠିକ ଭାବରେ ଜଲ୍ଦି ବଢ଼ିବାକୁ ଚାହିଁ ମଧ୍ୟ ପରାଗ ସଙ୍ଗମରେ ଅନିୟମିତତା ଯୋଗୁ ଫଳର ଭିତର ଅଂଶ ସମ୍ପୂର୍ଣ୍ଣ ଭାବରେ ନବଢ଼ି କିଚି ଅଂଶ ଫମ୍ପା ଭଳି ଦେଖାଯାଏ।

**ପରିଚାଳନା-** ଅନୁମୋଦିତ ପ୍ରଣାଳୀରେ ଫସଲ ପରିଚାଳନା କରିବା ସହିତ ଜଳସେଚନ ଏବଂ ଜନନ ବା ସମୟନ ପ୍ରକ୍ରିୟା ପ୍ରତି ଧାନ ଦେବା ନିହାତି ଆବଶ୍ୟକ।

**୬. ପିଆଜ ଓ ରସୁଣ**

**(କ) ପିଆଜର ଷଣ୍ଢା ବାହାରିବା (Bolting)**

ଷଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା। ସେପ୍ଟମ୍ବର - ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଷଣ୍ଢା ବାହାରିଥାଏ। ରୋଇବାର ୬୦ ଦିନ ପରେ ପିଆଜ ଗଛର ମଝି ଭାଗରେ ଶକ୍ତ କାଣ୍ଡ ସହିତ ଫୁଲପାଖୁଡା ବା ଷଣ୍ଢା ବାହାରିବା ଆରମ୍ଭ ହୋଇଥାଏ।

**କାରଣ-** ଅଧିକ ବୟସର ପିଆଜ ଚାରା ଲଗାଇବା କିମ୍ବା ସମୟ ପୂର୍ବରୁ ବିହନ ବୁଣିବା ଯାହାକି ଛୋଟ ପିଆଜ ତିଆରି କରେ। ସମୟପରେ ଚାରା ଲଗାଇବା, ପିଆଜ ବଢ଼ିବା ସମୟରେ ବହୁତ ସମୟ ଧରି କମ୍ ତାପମାତ୍ରା ରହିବା (୧୦-୧୨ ଡିଗ୍ରୀ ସେଲ୍‌ସିୟସ୍) କିମ୍ବା କମ୍ ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗରେ ପିଆଜ ଷଣ୍ଢା ବାହାରିଥାଏ।

**ପରିଚାଳନା-** ପିଆଜ ଷଣ୍ଢା ବିକ୍ରି କରି ଚାଷି ପଇସା ପାଉଥିଲେ ମଧ୍ୟ ପିଆଜ ଷଣ୍ଢା ଯୋଗୁଁ ପିଆଜର ଅମଳ କମିଯାଏ ଏବଂ ଚାଷି କ୍ଷତି ସହିଥାଏ। ତେଣୁ ଏହାର ପରିଚାଳନା ପାଇଁ ସଠିକ୍ ସମୟରେ ସୁସ୍ଥ ଚାରା କିମ୍ବା ଉନ୍ନତ ବିହନ ବୁଣିବା ସହିତ ସଠିକ୍ ପରିମାଣରେ ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ କରିବା ନିତ୍ୟାନ୍ତ ଆବଶ୍ୟକ। ଷଣ୍ଢା ବନ୍ଦ ନ ବାହାରିବା ପାଇଁ ପ୍ରତି ଲିଟର ପାଣିରେ ୫ଗ୍ରାମ୍ ମାଲିକ୍ ହାଇଡ୍ରାଜାଇଡ୍ ମିଶାଇ ରୋଇବାର ୩୫ ଦିନ ପରେ ପୟୋଗ କରନ୍ତୁ।

**(ଖ) ପିଆଜ ଓ ରସୁଣରେ ଗଜା ବାହାରିବା (Bulb sprouting)**

**ଲକ୍ଷଣ-** ଉଭୟ ପିଆଜ ଓ ରସୁଣରେ ଦେଖାଯାଉଥିବା ଏହା ଏକ ସାଧାରଣ ଅସ୍ୱାଭାବିକ ବିକାର। ପିଆଜ ଓ ରସୁଣର ସଂରକ୍ଷଣ ଅବସ୍ଥାରେ ସବୁଜ ରଙ୍ଗର କାଣ୍ଡ କିମ୍ବା ଗଜା ବାହାରିବା ଚାଷିମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା।

**କାରଣ-** ଅଧିକ ଯବକ୍ଷାରଜାନ ଖାଦ୍ୟସାରର ବ୍ୟବହାର ଏବଂ ପିଆଜ ଅମଳ ସମୟରେ ମାଟିର ଜଳର ପରିମାଣ ଅଧିକ ରହିବା ଫଳରେ ପିଆଜ ସଂରକ୍ଷଣ ସମୟରେ ଏହା ଗଜା ହେବା ଆରମ୍ଭ କରେ।

**ପରିଚାଳନା-** ଚାରାରୋପଣ ସମୟ ଏମିତି ସମୟରେ ଧାର୍ଯ୍ୟ କରିବା ଉଚିତ୍ ଯେପରିକି ଶୁଖିଲା ସମୟରେ ପିଆଜ ଅମଳ କରାଯାଇପାରିବ। ପିଆଜ ଅମଳ ହେବା ସମୟ ଆସିଲେ ଜଳସେଚନ ବନ୍ଦ୍ କରାଯିବା ସହିତ ବୋରାକ୍ସ (୫୦୦-୧୦୦୦ ମି.ଲି. ଗ୍ରାମ/ଲିଟର) ପାଣିରେ ମିଶାଇ ୨-୩ ଥର ଅମଳ ପୂର୍ବରୁ ପ୍ରୟୋଗ କଲେ ଏହାକୁ ରୋକି ହେବ। କିମ୍ବା ଅମଳର ୧୫-୨୦ ଦିନ ପୂର୍ବରୁ ୨.୫ ଗ୍ରାମ୍ ମାଲେଇକ୍ ହାଇଡ୍ରାଜାଇଡ୍ (Maleic Hydrozide) ପ୍ରତି ଲିଟର ପାଣିରେ ମିଶାଇ ଫସଲକୁ ସିଞ୍ଚନ କଲେ ଅମଳ ପରେ ପିଆଜ ଗଜା ନହୋଇ ବେଶିଦିନ ସାଇତି ରଖି ହୁଏ।

୭. ଲଙ୍କା

(କ) ଅଗ ଫଳପଚା (Blossom-End Rot)

**ଲକ୍ଷଣ-** ଲଙ୍କାର ଅଗ୍ରଭାଗରେ ପାଣି ଶୋଷିଥିବା ଦାଗ ଗୁଡ଼ିକ ଦେଖାଯାଏ। ଏହି ଦାଗଗୁଡ଼ିକ କ୍ରମଶଃ କଳା ପଡ଼ି ଦବିଯାଏ ଏବଂ ଫଳ ପଚିଗଲା ଭଳି ଦେଖାଯାଏ।


**କାରଣ-** ଫଳରେ କ୍ୟାଲସିୟମ୍ ଅଣୁସାର ଅଭାବରେ ଫଳ ପଚିଯାଏ ଯାହାକି ମାଟିରେ କ୍ୟାଲସିୟମ୍ ଅଣୁସାରର ପରିମାଣ କମ୍ ଯୋଗୁ ହୋଇପାରେ କିମ୍ବା ମାଟିରେ କ୍ୟାଲସିୟମ୍ ଥିଲେ ମଧ୍ୟ ଗଛକୁ ଉପଲବ୍ଧ ନହେବା ଫଳରେ ଏହି ଲକ୍ଷଣ ଦେଖାଯାଏ।

**ପରିଚାଳନା-** ଏକାଥରେ ଅଧିକ ଜଳସେଚନ ନକରି ଦିନେ ଛାଡ଼ି ଦିନେ ହାଲକା ଜଳସେଚନ ସହିତ ଅଧିକ ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ ନକରି ସଠିକ୍ ପରିମାଣରେ ପ୍ରୟୋଗ କରାଯିବା ଆବଶ୍ୟକ। ଏହା ଛଡ଼ା ମାଟିରେ ଚୂନ ପ୍ରୟୋଗ କିମ୍ବା ଗଛରେ ଆନହାଇଡ୍ରସ୍ କ୍ଲୋରାଇଡ୍ କିମ୍ବା ଏକର ପ୍ରତି ୪୦ କିଲୋଗ୍ରାମ୍ କ୍ୟାଲସିୟମ୍ ଆମୋନିୟମ ନାଇଟ୍ରେଟ୍ ପ୍ରୟୋଗ କଲେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ।

ପନିପରିବାରେ ଦେଖାଯାଉଥିବା ଅସ୍ୱାଭାବିକ ବିକାର ଫସଲର ଉତ୍ପାଦନ ଓ ଗୁଣବତ୍ତାକୁ ଅଧିକ ପ୍ରଭାବିତ କରିଥାଏ। ଜଳବାୟୁରେ ପରିବର୍ତ୍ତନ, ବିଶ୍ୱର ତାପମାତ୍ରା ବୃଦ୍ଧି ଏବଂ ମାଟିର ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଫସଲର ଆଭ୍ୟନ୍ତରୀଣ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଥାଏ। କିନ୍ତୁ ଫସଲରେ ଏହି ଅସ୍ୱାଭାବିକ ପରିବର୍ତ୍ତନ ରୋଗ ପୋକ ଆକ୍ରମଣ କିମ୍ବା ଖାଦ୍ୟସାର ଅଭାବରେ ଅସ୍ୱାଭାବିକ ବିକାର ଏହାର ସଠିକ୍ ନିରୂପଣ କରିବା ଆବଶ୍ୟକ ଏବଂ ପରିବର୍ତ୍ତିତ ଜଳବାୟୁକୁ ଆଖିରେ ରଖି ଉପଯୁକ୍ତ ଯତ୍ନ ନେଇ ଅନୁମୋଦିତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ସହିତ ପ୍ରତିକୂଳ ପରିସ୍ଥିତି ଓ ସ୍ଥାନୀୟ ପରିବେଶକୁ ସୁହାଉଥିବା ପନିପରିବା କିସମର ବ୍ୟବହାର କରି ଏହି ଅପରିବର୍ତ୍ତିତ ଅସ୍ୱାଭାବିକ ବିକାରକୁ ଚାଷି ରୋକି ପାରିବ ବୋଲି ଆଶା ରହିବ।

## ଆଳୁ

(ଗ) କଳା (Black heart)




(ଘ) ଅସାଧାରଣ ଆକୃତି (Knobbiness)



## ଫୁଲକୋବି


(କ) ରାଇସିନେସ୍ /ଧଳାରୁମ ଦାଗ (Riceyness)



(ଖ) ଫୁଲକୋବିର ସରୁପତ୍ର ବାହାରିବା (Whiptail)




(ଗ) ଛୋଟ ଫୁଲ (Buttoning )



(ଘ) ଫୁଲ ନଫୁଟିବା (Blindness)




(ଙ) ଖୋଲା ଫୁଲ ଫୁଟିବା (Loosening )



## ଗାଜର


(କ)ଗାଜର ଫାଟିବା (Cracking)



(ଖ) ଗାଜରରେ ଖଣ୍ଡିଆ ଦାଗ (Cavity spot)



(ଗ) ଦ୍ୱିଶାଖା ସମସ୍ୟା (Forking)



ଗାଜର ଓ ମୂଳାରେ ଦ୍ୱିଶାଖା ସମସ୍ୟା (Forking in Carrot and Radish)